
ISSN 0973-3264

# ସପ୍ତର୍ଷି

ତୃତୀୟ ସଂଖ୍ୟା - ୨୦୧୯

(ଜୁଲାଇ - ସେପ୍ଟେମ୍ବର)



Scanned with OKEN Scanner

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | | |
| ୧- | ଶଙ୍ଖ ଢେଉରେ ମୁଦ୍ରିତ କବିତାର ବିଷୟ ବୈଚିତ୍ର୍ୟ ଓ ସାଧାରଣ ମଣିଷ | ଦିବ୍ୟକିଶୋର ଦେବତା | ୧ |
| ୨- | ଷାଠିଏ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଅସ୍ତିତ୍ୱବାଦୀ ଜୀବନବୋଧ | ଡ. ବାଳକୃଷ୍ଣ ବେହେରା | ୬ |
| ୩- | ଆଦିବାସୀ ବନାମ ଇଂରେଜ ସରକାର : ଓଡ଼ିଆ ଓ ବଙ୍ଗଳା ଉପନ୍ୟାସ | ଆଶୁତୋଷ ରାଉତ | ୨୧ |
| ୪- | ସାହିତ୍ୟର ଚିତ୍ରପଟ୍ଟରେ "କୁହୁକ ବାସ୍ତବବାଦ" | ଦିବ୍ୟରଞ୍ଜନ ସାହୁ | ୨୯ |
| ୫- | ସମ୍ବଲପୁରୀ ନୃତ୍ୟର ଉତ୍ପତ୍ତି ଓ ଏହାର ବିକାଶଧାରା | ମୋହିତ କୁମାର ସାଇଁ | ୩୫ |
| ୬- | କନ୍ଧ ଜନଜାତି, ଭାଷା ଓ ସଂସ୍କୃତି ସଚିତ୍ର ବଳୟରେ କନ୍ଧ ଲୋକଗୀତର ବାଙ୍ମୟ ପରିଧି | ଡକ୍ଟର ରୁଦ୍ରାଣୀ ମହାନ୍ତି | ୩୯ |
| ୭- | ଭଟାଭାଟିର ଶିଳ୍ପୀ : ଏକ ଅନୁଶୀଳନ | ଦୁର୍ଗାଶିଷ ପଟ୍ଟନାୟକ | ୪୫ |
| ୮- | କବି ଗଙ୍ଗାଧରଙ୍କ କାବ୍ୟ ସାଧନାର ଆଦ୍ୟ ଉଲ୍ଲାସ - 'ରସରତ୍ନାକର' | ଜ୍ୟୋତି ରଞ୍ଜନ ମିଶ୍ର | ୫୧ |
| ୯- | ସଭାଡ କବିଙ୍କ କଲମରେ ସ୍ୱର୍ଣ୍ଣପୁରୀ ସୋନପୁର : ଏକ ଅନୁସନ୍ଧିତ୍ସା | ବ୍ରଜମୋହନ ମେହେର | ୫୬ |
| ୧୦- | ଏଇ ଭାରତ ବର୍ଷେ ଆବିର୍ଭୂତ ହୁଅ..... | ଶ୍ରୀମାନ୍ ଜୟ କୁମାର ଦାଶ | ୬୨ |
| ୧୧- | ସୁବୋଧ ପଟ୍ଟନାୟକଙ୍କ ଏକ ଚେତନାଧର୍ମୀ ନାଟକ 'ସୀତାଅସୀତା' | ସବିତାବାଳା ନାୟକ | ୬୪ |
| ୧୨- | ବଲାଙ୍ଗୀର ଅଞ୍ଚଳର ଲୋକଗୀତରେ ନାରୀଜୀବନ : ଅଭିବ୍ୟକ୍ତି ଓ ଜୀବନଚର୍ଯ୍ୟା | ସନ୍ଧ୍ୟାରାଣୀ ସାହୁ | ୬୮ |
| ୧୩- | ସାନ୍ତାଳ ସମାଜର ମୃତ୍ୟୁ ସଂସ୍କାର ଓ ଧର୍ମ ଧାରଣା | ଠାକୁର ଚରଣ ମାରାଣ୍ଡି | ୭୪ |
| ୧୪- | କୁଲି ଜନଜାତିର କଳାସୀ ଯାତ୍ରା | ଶ୍ରୀଯୁକ୍ତ ଅନନ୍ତ ମେହେର | ୮୦ |
| ୧୫- | ରାଜକବି କୃଷ୍ଣସିଂହଙ୍କ 'ହରିବଂଶ' | ଅଳକା ମିଶ୍ର | ୮୪ |
| ୧୬- | ଏକ ଉତ୍ସର୍ଗୀକୃତ ଚେତନା କବିଚନ୍ଦ୍ର କାଳୀଚରଣ | ଡକ୍ଟର ଶୁକମୁନି ମେହେର | ୯୩ |
| ୧୭- | ମନୋଜ ଦାସଙ୍କର ଉପନ୍ୟାସ 'ଚନ୍ଦ୍ରାଲୋକର ପ୍ରହରୀ' : ଏକ ଅନୁଶୀଳନ | ସଂଦିତା ପ୍ରଧାନ | ୯୭ |
| ୧୮- | ଓଡ଼ିଆ ପ୍ରବଚନରେ ସମାଜିକ ମୂଲ୍ୟବୋଧ | ସତ୍ୟଜିତ ଦାସ | ୧୦୪ |
| ୧୯- | 'ହୋ' ସମାଜରେ ବିବାହ ପ୍ରଥା | ନିବେଦିତା ପାତ୍ର | ୧୦୮ |
| ୨୦- | ପ୍ରତୀକରେ ମନସ୍ତତ୍ତ୍ୱର ପ୍ରୟୋଗ : ପ୍ରସଙ୍ଗ ଓଡ଼ିଆ ଉପନ୍ୟାସ | ପୁଷ୍ପିତା ଶୁକ୍ଳ | ୧୧୮ |
| **ଅନୁବାଦ ଗଳ୍ପ :-** | | | |
| ୨୧- | ଜିନ୍ନୁ | ମୂଳଲେଖା ଗୁଲଜାର<br>ଅନୁବାଦ - ଡ. ଜାଜ୍ଞେଶ୍ୱର ବଡ଼େଇ | ୧୨୫ |
| **କବିତା ବିଭାଗ :-** | | | |
| ୨୨- | ଝର୍ଣ୍ଣା | ଶମ୍ଭୁନାଥ ଦାସ | ୧୨୯ |
| ୨୩- | ଘର ପଳାଇ ଦୂରେ ସୁଦୂରେ... | ମାଧବାନନ୍ଦ ପାତ୍ର | ୧୩୦ |
| ୨୪- | ଫର୍ଦ୍ଦେ କାଗଜ | ଅଞ୍ଜଳି ପଟ୍ଟନାୟକ | ୧୩୧ |
| ୨୫- | ଦୁଃଖ | ଅର୍ଜୁନ ମେହେର | ୧୩୨ |


Scanned with OKEN Scanner

# ଏକ ଉତ୍ସର୍ଗୀକୃତ ଚେତନା କବିଚନ୍ଦ୍ର କାଳୀଚରଣ

ଡକ୍ଟର୍ ଶୁକମୁନି ମେହେର୍

ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣେତା, ପ୍ରଖ୍ୟାତ ଓଡ଼ିଆ କବି ମାୟାଧର ମାନସିଂହଙ୍କ ଭାଷାରେ : "It was Kali Baboo who made acting a natural art on the Orisa stage - a much more difficult thing than the artificial, formal and stereotyped performance of the old days. He was made dialogue natural too and has used music for excellent stage effects. As a matter of fact Kali Baboo's plays have become attracive and popular more for their music than for real deamatic art." କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ କବି, ନାଟ୍ୟକାର, ମଞ୍ଚ ଅଭିନେତା, ଗୀତିକାର, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ । କାଳୀବାବୁ ନିଜସ୍ୱ ଉଦ୍ୟମରେ 'ଓଡ଼ିଶା ଥିଏଟର୍ସ' ଗଠନ କରି ସେଇ ଥିଏଟର୍ସରେ ନିଜସ୍ୱ ରଚିତ ନାଟକ ଓ ଅନେକ ରାସଲୀଳା ମଞ୍ଚସ୍ଥ କରାଇଥିଲେ । ତାଙ୍କ ଦ୍ୱାରା ରଚିତ ଓ ମଞ୍ଚସ୍ଥ ରାସଲୀଳା ମଧ୍ୟରେ ଶ୍ରୀରାଧା, ପ୍ରୀତି ସୁଧାକର, ବନ ବିହାର, କୌତୁକ ଚିନ୍ତାମଣି ଆଦି ଲୋକପ୍ରିୟ ରାସଲୀଳା ଭାବରେ ପରିଗଣିତ ହୋଇଥିଲା । ସେ ଥିଲେ ଓଡ଼ିଆ ନାଟକର ପ୍ରାଣ ପ୍ରତିଷ୍ଠାତା । କାଳୀବାବୁଙ୍କ ରଚିତ ନାଟକ ଗାର୍ଲସ୍କୁଲ, ଭାତ, ଚୁମ୍ବନ, ପରିବର୍ତ୍ତନ, ଅଭିଯାନ, ରକ୍ତମାଟି, ରକ୍ତ ମନ୍ଦାର, ଜୟଦେବ ପ୍ରଭୃତି ଅନେକ ସାମାଜିକ, ଐତିହାସିକ ନାଟକ ତାଙ୍କର ଅମ୍ଳାନ ପ୍ରତିଭାର ସ୍ୱାକ୍ଷର ବହନ କରିଛି । ରାମନବମୀ ଓ ଚନ୍ଦନଯାତ୍ରା ସମୟରେ ପରିବେଷିତ ହେଉଥିବା ବିଭିନ୍ନ ଯାତ୍ରା, ସୁଆଙ୍ଗ, ପାଲା, ଗୀତ ନାଚ ଆଦି ଦ୍ୱାରା ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କର ସହଜାତ ବିସ୍ମୟଦୀପ୍ତ ପ୍ରତିଭାରେ ମୁଗ୍ଧ ହୋଇ ୧୯୨୬ ମସିହାରେ ପୁରୀର ଗଜପତି ମହାରାଜ ତାଙ୍କୁ କବିଚନ୍ଦ୍ର ଉପାଧି ପ୍ରଦାନ କରିଥିଲେ ।

୧୯୦୦ ମସିହା ଡିସେମ୍ବର ୨୩ ତାରିଖ ଦିନ କଟକ ଜିଲ୍ଲାର ବଡ଼ମ୍ବାଠାରେ ନାଟ୍ୟାଚାର୍ଯ୍ୟ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଆବିର୍ଭାବ ହୋଇଥିଲା । ସେ ନ'ବର୍ଷ ବୟସରୁ କବିତା ଲେଖା ଆରମ୍ଭ କରିଥିଲେ । ୧୯୨୫ ମସିହା ବେଳକୁ କାଳୀ ବାବୁଙ୍କ ବୟସ ୨୫ ବର୍ଷ । ତରୁଣ ବୟସରୁ କାଳୀବାବୁଙ୍କ ନାଟ୍ୟ ଜୀବନ ଆରମ୍ଭ । ସେତେବେଳକୁ ଓଡ଼ିଆ ନାଟ୍ୟ ସାହିତ୍ୟ ତାର ପଞ୍ଚମ ଦଶନ୍ଧି ପରିପୃଷ୍ଟ କରି ଷଷ୍ଠ ଦଶନ୍ଧିରେ ଅବତୀର୍ଣ୍ଣ ହୋଇ ସାରିଥିଲା । ସେହି ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟ ତାର ପରିମାଣାତ୍ମ୍ ଦୃଷ୍ଟିରୁ କମ୍ ହେଲେ ହେଁ ଗୁଣାତ୍ମକ ଦୃଷ୍ଟିରୁ ବା ଉତ୍କର୍ଷ ଦୃଷ୍ଟିରୁ ଆଦୌ ହେୟ ହୋଇ ପାରିବ ନାହିଁ । କାଳୀଚରଣଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ମଞ୍ଚୋପଯୋଗୀ ନାଟକ ସୃଷ୍ଟି କରିବା ଏବଂ ନାଟକକୁ ଉତ୍କଳୀୟ ସଂସ୍କୃତି, କଳା, ପରମ୍ପରାର ପୁଟ ଦେଇ ସୁନ୍ଦର ଓ ସରସ କରି ଗଢ଼ି ତୋଳିବା । ସେହି ମନୋକାମନା ଧିରେ ଧିରେ ସଫଳତା ଲାଭ କଲା । ସେ ପୁଣି ହାତଗଣତି କେତେ ଖଣ୍ଡ ନାଟକ ସୃଷ୍ଟି କରି ନାହାନ୍ତି, ତାଙ୍କର ସୃଜନଶୀଳ ପ୍ରତିଭା ଓଡ଼ିଆ ନାଟ୍ୟ ଜଗତକୁ କରିଛି ସମୃଦ୍ଧଶାଳୀ ଓ ଓଡ଼ିଆ ନାଟ୍ୟକାର, ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ମଞ୍ଚ ପରିଚାଳକଙ୍କ ମଧ୍ୟରେ ସୃଷ୍ଟି କରିଛି ଏକ ଯୁଗାନ୍ତକାରୀ ପରିବର୍ତ୍ତନ । ତେଣୁ କାଳୀବାବୁଙ୍କ ଯୁଗକୁ ଓଡ଼ିଆ ନାଟ୍ୟ ସାହିତ୍ୟର ସୁବର୍ଣ୍ଣଯୁଗ କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବ ନାହିଁ । ସେ ପ୍ରାଣପୂର୍ଣ୍ଣ ହୃଦୟରେ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଭେଟି ଦେଇଛନ୍ତି ଅଜସ୍ର ନାଟକ । ଯେଉଁ ନାଟକଗୁଡ଼ିକ ମଧ୍ୟରେ ଭରି ରହିଛି ମାନବ ସମାଜର ନିଖୁଣ ମର୍ମସ୍ପର୍ଶୀ ଚିତ୍ରଲିପି । ସତରେ, ସାଧାରଣ କଥା ମଧ୍ୟରେ ଯେ ସୌନ୍ଦର୍ଯ୍ୟର ଅସାମାନ୍ୟତା ଲୁଚି ରହିଥାଏ ତାହା ତାଙ୍କ ନାଟକ ଦର୍ଶନ ନ କଲେ ଉପଲବ୍ଧ କରିହେବ ନାହିଁ । ଭାବ, ଭାଷା, ରସ, ରୂପ ପ୍ରତ୍ୟେକ ଉପାଦାନର ତାଙ୍କ ନାଟକଗୁଡ଼ିକରେ ସମ୍ମିଶ୍ରଣ ଘଟିଥାଏ ।



Scanned with OKEN Scanner

"ଓଡ଼ିଶା ଥିଏଟର୍ସ"ର ପ୍ରତିଷ୍ଠାତା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ନାଟ୍ୟାକୃତିଗୁଡ଼ିକ ଖୁବ୍ ଉଚ୍ଚକୋଟୀର ଥିଲା । ସେ ସମୟରେ ଯେଉଁ କେତୋଟି ନାଟକ ଓଡ଼ିଶାରେ ଅଭିନୀତ ହେଉଥିଲା, ସେଗୁଡ଼ିକ ବଙ୍ଗଳା ନାଟକର ଅନୁବାଦ କିମ୍ବା ଛାୟାରେ ରଚିତ ନାଟକ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କେଶବ ମହାପାତ୍ରଙ୍କଠାରୁ ଲକ୍ଷ୍ମୀ ବୃତ୍ତାନ୍ତ ଶୁଣି ତାଙ୍କ ଅନୁରୋଧକୁ ରକ୍ଷାକରି କାଳୀଚରଣ 'ଲକ୍ଷ୍ମୀ' ନାଟକ ରଚନା କରିଥିଲେ । ଏହି ନାଟକ ଅପୂର୍ଣ୍ଣ ଅମିତାକ୍ଷର ଛନ୍ଦରେ ଲିଖିତ । ଏହି ନାଟକରେ ମଧ ନାଟ୍ୟକାରଙ୍କ ଅପୂର୍ବ କଳାକୁଶଳତାର ଓ ପ୍ରକାଶମାଧୁରୀର ସୁନ୍ଦର ରୂପ ଦେଖିବାକୁ ମିଳେ । ଏହା ବ୍ୟତିରେକେ ସେ ଅନେକ ପୌରାଣିକ ନାଟକ ମଧ ସୃଷ୍ଟି କରିଥିଲେ । ସେଗୁଡ଼ିକ ମଧରେ ରହିଛି 'ମୃଗୟା', 'ଶକୁନ୍ତଳା' ଓ 'ହରିଶ୍ଚନ୍ଦ୍ର' ।

ପାଶ୍ଚାତ୍ୟ ସମାଲୋଚକ ମାଥ୍ୟୁ ଆର୍‌ନୋଲ୍‌ଡ୍‌ଙ୍କ ମତାନୁସାରେ 'Literature is the mirror of society' 'ସାହିତ୍ୟ ହେଉଛି ସମାଜର ପ୍ରତିଛବି' । ତେଣୁ ସେହି ସମାଜଠାରୁ କାଳୀଚରଣ ପଟ୍ଟନାୟକ ମଧ ନିଜ ଉପାଦାନ ସଂଗ୍ରହ କରି ସୃଷ୍ଟି କରିଥିଲେ ଅନେକ ସାମାଜିକ ନାଟକ । ସେହି ସାମାଜିକ ନାଟକଗୁଡ଼ିକ ହେଉଛି- 'ପ୍ରତିଶୋଧ', 'ଆହୂତି', 'ଗାର୍ଲସ୍କୁଲ' ପ୍ରଭୃତି । 'ପ୍ରତିଶୋଧ' ତାଙ୍କର ପ୍ରଥମ ସାମାଜିକ ନାଟକ । ଏ ବିଷୟରେ ନାଟ୍ୟାଚାର୍ଯ୍ୟ କାଳୀଚରଣ ପଟ୍ଟନାୟକ ତାଙ୍କ ଆତ୍ମଜୀବନୀ ଗ୍ରନ୍ଥ "କୁମ୍ଭାରଚକ'ରେ ଲେଖିଛନ୍ତି ଯେ "ଏହାପରେ 'ପ୍ରତିଶୋଧ' ଓ 'ଆହୂତି' ନାମକ ଦୁଇଖଣ୍ଡ ସାମାଜିକ ନାଟକ ପରୀକ୍ଷାମୂଳକ ଭାବେ ଲେଖିଲି ଓ ଏହା ଲୋକଙ୍କର ରୁଚିକର ହେଲା । ତେଣୁ ମୋର ସାହସ ବଢ଼ିଲା ।" 'ପ୍ରତିଶୋଧ' ନାଟକ ହାସ୍ୟରସାତ୍ମକ ହୋଇଥିଲେ ହେଁ ନାଟକର ଛତ୍ରେ ଛତ୍ରେ ଦୁଃଖଯନ୍ତ୍ରଣାର କାରୁଣ୍ୟ ଚିତ୍ର ଉକୁଟି ଉଠିଛି । ବହୁବିବାହ ଓ ଗାଁ ସାହୁକାର ମହାଜନ ମାନଙ୍କର ଧନ ଲୋଲୁପତା, ସାଧାରଣ ଜନତା ଉପରେ ଅତ୍ୟାଚାର ଆଦି ସାମାଜିକ ସମସ୍ୟାକୁ କେନ୍ଦ୍ର କରି ଉକ୍ତ ନାଟକର ସୃଷ୍ଟି । ଦ୍ୱିତୀୟ ସାମାଜିକ ନାଟକ ରୂପେ 'ଆହୂତି' ଆମର ଦୃଷ୍ଟିଗୋଚର ହୁଏ । 'ଆହୂତି' ନାଟକ ତୃତୀୟ ସାମାଜିକ ନାଟକ 'ଗାର୍ଲସ୍କୁଲ' ପରେ ଅଭିନୀତ ହୋଇଥିଲା । ସେଥିପାଇଁ କବିଚନ୍ଦ୍ର ଗ୍ରନ୍ଥାବଳୀରେ 'ଗାର୍ଲସ୍କୁଲ' ପରେ ଏହା ସ୍ଥାନିତ ହୋଇଛି । ଅସବର୍ଣ୍ଣ ବିବାହ ଓ ତଜ୍ଜନୀତ ସମସ୍ୟାକୁ ନେଇ ନାଟକର କଳେବର ପରିପୁଷ୍ଟ ।

୧୯୪୨ ମସିହା ଫେବୃୟାରୀରେ ରଚିତ ହୋଇଥିଲା ନାଟକ 'ଗାର୍ଲସ୍କୁଲ' । କାଳୀଚରଣ ପଟ୍ଟନାୟକଙ୍କ 'ଗାର୍ଲ ସ୍କୁଲ' ହେଉଛି ତୃତୀୟ ସାମାଜିକ ନାଟକ । ଏହି ନାଟକ 'ଓଡ଼ିଶା ଥିଏଟର୍ସ' ଦ୍ୱାରା ଅଭିନୀତ ହୋଇ ହଜାର ହଜାର ଦର୍ଶକଙ୍କ ସ୍ୱୀକୃତି ପାଇଥିଲା । ଆଧୁନିକ ଯୁଗରେ ନାରୀଶିକ୍ଷା ଉପରେ ପର୍ଯ୍ୟବେକ୍ଷିତ ଏହି ନାଟକଟି ତଥାକଥିତ ଶିକ୍ଷିତ ଯୁବକଯୁବତୀ ମାନଙ୍କର ନୀତିହୀନ ଉଚ୍ଛୃଙ୍ଖଳ ଜୀବନର ବିଷମ ପରିଣାମ ପ୍ରତି ଆଲୋକପାତ କରିଛନ୍ତି ନାଟ୍ୟକାର କାଳୀଚରଣ ପଟ୍ଟନାୟକ ।

'ଗାର୍ଲସ୍କୁଲ' ପରେ କାଳୀଚରଣ ରଚନା କଲେ ନାଟକ 'ଚୁମ୍ବନ' । ଗୋଟିଏ ହରିଣୀ ତା'ର ଶିଶୁକୁ ସ୍ନେହରେ ଉଚୁଥିବାର ଏକ ଦୃଶ୍ୟ ଦେଖି ଆତ୍ମବିଭୋର ହୋଇ ସେ ରଚନା କଲେ ନାଟକ 'ଚୁମ୍ବନ' । ମଦନ ଓ ପ୍ରେମ ନାଟକର ଦୁଇ ମୁଖ୍ୟ ଚରିତ୍ର । ଉଭୟଙ୍କର ଖେଳକୌତୁକରୁ ଆରମ୍ଭ ହୋଇଛି ନାଟକ ଏବଂ ସେ ଉଭୟଙ୍କର ମିଳନରେ ନାଟକର ପରିସମାପ୍ତି । 'ଚୁମ୍ବନ' ଏକ ଏଭଳି ନାଟକ ଯାହା ସମସାମୟିକ ରାଜନୀତି ଓ ସାମାଜିକ ଘଟଣାବଳୀ ଉପରେ ଆଧାରିତ ହୋଇଥିଲେ ହେଁ ଏହା ଏକ କାଳ୍ପନିକ ଆଖ୍ୟାନମୂଳକ ନାଟକ । ସଙ୍ଗୀତର ବହୁଳ ବ୍ୟବହାର ନାଟକରେ ପରିଲକ୍ଷିତ । ନାଟକର ଭାଷା, ସଙ୍ଗୀତ, ସଂଳାପ ଉଚ୍ଚାରଣ ଶୈଳୀ ଦୃଷ୍ଟିରୁ ଏ ନାଟକଟି ଦର୍ଶକଙ୍କ ମନ ଓ ପ୍ରାଣକୁ ଆଲୋଡ଼ିତ କରିବାରେ ସକ୍ଷମ ହୋଇଥିଲେ । ଏହା ମଧ ଓଡ଼ିଆ ଥିଏଟର୍ସ ରଙ୍ଗମଞ୍ଚରେ ଶତାଧିକ ରଜନୀ ଧରି ଅଭିନୀତ ହୋଇ ଓଡ଼ିଶା ପାଇଁ ଆଣି ଦେଇଛି ଗର୍ବ ଓ ଗୌରବ ।

ସେହିପରି ନାଟ୍ୟକାର କାଳୀଚରଣଙ୍କ 'ପରିବର୍ତ୍ତନ' ଏକ ସଂସ୍କାରଧର୍ମୀ ଶିକ୍ଷାମୂଳକ ନାଟକ । ମଦ୍ୟପାନ ଓ ବେଶ୍ୟାସକ୍ତ ହେବା ଦ୍ୱାରା ମଣିଷ ଜୀବନର ପରିଣତି କିପରି ଭୟଙ୍କର ଓ ବିଷମୟ ହୁଏ, ତାକୁ ହିଁ ଦର୍ଶାଇଛନ୍ତି ଉକ୍ତ ନାଟକ ମାଧ୍ୟମରେ ।

ଭକ୍ତକବି ଜୟଦେବଙ୍କର ଜୀବନଚରିତ ଉପରେ ଆଧାରିତ ଏକ ଉଲ୍ଲେଖନୀୟ ନାଟକ ହେଉଛି 'ଜୟଦେବ' ।



Scanned with OKEN Scanner

ଓଡ଼ିଶାର କବି ଜୟଦେବଙ୍କୁ ବଙ୍ଗାଳୀ ବୋଲି ଏକ ବଙ୍ଗଳା ସାହିତ୍ୟରେ ପ୍ରମାଣିତ କରିବାରେ ବଙ୍ଗାଳୀମାନଙ୍କ ପ୍ରତି କ୍ଷୁବ୍ଧ ଓ ମର୍ମାହତ ହୋଇ ଏହିଭଳି ଏକ ନାଟକର ପରିକଳ୍ପନା କରିଥିଲେ ନାଟ୍ୟକାର କାଳୀଚରଣ ପଟ୍ଟନାୟକ । ଏ ନାଟକରେ ମହାକବି ଜୟଦେବଙ୍କର ଜୀବନାଲେଖ୍ୟ ପ୍ରତିପାଦନ କରିବା ସହିତ ତାଙ୍କର ଓଡ଼ିଆତ୍ୱ ମଧ୍ୟ ପ୍ରତିପାଦନ ହୋଇଛି । 'ଜୟଦେବ' ନାଟକ କାଳୀଚରଣ ପଟ୍ଟନାୟକଙ୍କ ଏକ ସାର୍ଥକ ସୃଷ୍ଟି ।

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସବୁଠାରୁ ଉଲ୍ଲେଖନୀୟ, ପ୍ରଭାବଶାଳୀ ଏବଂ ଅମର ସୃଷ୍ଟି ହେଉଛି ନାଟକ 'ଭାତ' । ଭାତ ହେଉଛି ଏ ଦେଶର ପ୍ରଧାନ ସମସ୍ୟା । ଓଡ଼ିଶାର ଏବେବି ଅନେକ ଅଞ୍ଚଳ ଅଛି ଯେଉଁଠି ମଣିଷମାନେ ଦୁଇଓଳି ମୁଠାଏ ଖାଇବାକୁ ପାଆନ୍ତି ନାହିଁ । ୧୯୪୩ ମସିହାରେ ଓଡ଼ିଶାରେ ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା, ଲୋକମାନେ ଖାଇବାକୁ ନ ପାଇ ପୋକମାଛି ପରି ମଲେ । ସେହି ସମୟର ଅଭାବ ଅନଟନର ଚିତ୍ର, ତା'ର ନିରାକରଣର ଉପାୟ, ଦେଶର ପରିସ୍ଥିତି ଆଦିକୁ ପ୍ରଦର୍ଶିତ କରାଯାଇଛି 'ଭାତ' ନାଟକରେ । 'ଭାତ' କେବଳ ଏକ ସମସ୍ୟାମୂଳକ ନାଟକ ନୁହେଁ, ଏହା ଏକ ଜାତୀୟତାବାଦୀ ବୈପ୍ଳବିକ ଚିନ୍ତାଧାରାର ନାଟକ । ଅନେକଗୁଡ଼ିଏ ସାମାଜିକ ନାଟକ ରଚନା କରିବା ପରେ ନାଟ୍ୟକାର କାଳୀଚରଣ ପଟ୍ଟନାୟକ ରଚନା କଲେ ଭିନ୍ନ ସ୍ୱାଦର ନାଟକ 'ଚକ୍ରୀ' । ଏହାର କଥାବସ୍ତୁ ପୌରାଣିକ କାବ୍ୟ ମହାଭାରତ ଉପରେ ଆଧାରିତ । ଏହି ନାଟକ ସମ୍ପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଛି । ସାଙ୍ଗୀତିକ ମାଧୁର୍ଯ୍ୟ, କାବ୍ୟିକ ସୁଷମା, ନାଟକୀୟ ଦ୍ୱନ୍ଦ୍ୱ ଓ ଚରିତ୍ର ଚିତ୍ରଣ ନାଟକର ମାନକୁ ବହୁଗୁଣିତ କରିପାରିଛି ।

'ଅତିବଡ଼ି ଜଗନ୍ନାଥ ଦାସ' ଜଗନ୍ନାଥ ଦାସଙ୍କ ଜୀବନ ଉପରେ ଆଧାରିତ ଏକ ଐତିହାସିକ ନାଟକ । ଜଗନ୍ନାଥ ଦାସଙ୍କ ଜୀବନର ସଂଘର୍ଷମୟ ଜୀବନ ଚିତ୍ର ଏଥିରେ ବର୍ଣ୍ଣିତ ।

ନାଟ୍ୟକାର କାଳୀଚରଣଙ୍କ 'ଅଭିଯାନ' ହେଉଛି ଏକ ଉଲ୍ଲେଖନୀୟ କୃତି । ୧୯୪୬ ମସିହାରେ ଏହି ନାଟକଟି ରଚିତ ହୋଇଛି । ଅଭିଯାନ ନାଟକ ସମ୍ପର୍କରେ ନାଟ୍ୟକାର କାଳୀଚରଣ ଏଥିରେ କହିଛନ୍ତି- "ସ୍ୱାଧୀନତା ଆନ୍ଦୋଳନର ପ୍ରତ୍ୟକ୍ଷ ସିପାହୀ ନ ହେଲେ ମଧ୍ୟ ମୁଁ ମୋ ମନ ଭିତରେ ସ୍ୱାଧୀନତାର ପୂଜା କରେ । ତାହା ଛଡ଼ା ମୁଁ ଏହି ଚିନ୍ତାଟିକୁ ପ୍ରଚାର କରିବାକୁ ଚାହେଁ । ନାଟକ ମାଧ୍ୟମରେ ଲୋକ ମନରେ ଦେଶଗୌରବବୋଧ ଚେତନା ଆଣି ଦେବା ଅଭିପ୍ରାୟରେ 'ଅଭିଯାନ' ନାଟକ ଲେଖିଥିଲି" । ଏହା ଏକ ପ୍ରସିଦ୍ଧ ଐତିହାସିକ ନାଟକ । 'ଅଭିଯାନ' ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ବିଷୟବସ୍ତୁ ଉପରେ ଆଧାରିତ ଏକ ଉଲ୍ଲେଖନୀୟ ସୃଷ୍ଟି । 'ଅଭିଯାନ' ନାଟକର ମୁଖ୍ୟ ବିଶେଷତ୍ୱ ହେଉଛି ତା'ର ସୁନ୍ଦର ବସ୍ତୁବିନ୍ୟାସ ପରିପାଟୀ । ପ୍ରତ୍ୟେକ ଘଟଣା, ଦୃଶ୍ୟ ଓ ଚରିତ୍ର ସୁନ୍ଦର ଭାବରେ ପରିକଳ୍ପିତ । ପୁରୁଷୋତ୍ତମ ଦେବ ଓ ରାଣୀ ପଦ୍ମାବତୀ ଉଭୟ ନାୟକ ନାୟିକାଙ୍କୁ ନାଟ୍ୟକାର କାଳୀଚରଣ ନିଜ ହୃଦୟର ସକଳ ସ୍ନେହ ମମତା ସକଳ କୋମଳ ଭାବ ଓ ହୃଦୟବତ୍ତା ଦେଇ ଗଢ଼ିଛନ୍ତି । 'ଅଭିଯାନ' ନାଟକରେ ଅନ୍ୟାନ୍ୟ ରସ ପରିଲକ୍ଷିତ ହେଲେ ହେଁ ଏହାର ମୂଳଭାବ ହେଉଛି ଦେଶାତ୍ମବୋଧ । 'ଅଭିଯାନ' ଓଡ଼ିଆ ଜାତୀୟତାର, କଳା ସଂସ୍କୃତିର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଏବଂ ମଞ୍ଚକଳାର ସଫଳତା ଦୃଷ୍ଟିରୁ କାଳୀଚରଣଙ୍କ ଏହା ଏକ ଶ୍ରେଷ୍ଠ ନାଟ୍ୟକୃତି ।

'ରକ୍ତମାଟି' ନାଟକଟି ନାଟ୍ୟକାରଙ୍କ ଏକ ଅନବଦ୍ୟ କୃତି । ଉକ୍ତ ନାଟକଟିରେ ଶୋଷକ ଓ ଶୋଷିତର ଚିତ୍ର ଖୁବ୍ ମର୍ମସ୍ପର୍ଶୀ । ଏହି ନାଟକର ରଚନାକାଳ ୧୯୪୭ ମସିହା । ମୁନାଫାଖୋର ପୁଞ୍ଜିପତିର ଦୁର୍ନୀତି, ଦୁରାଚାର ବିରୁଦ୍ଧରେ ଓ ଗ୍ରାମର ଜଣେ ପାଠୁଆ ଯୁବକର ସେବା ଓ ତ୍ୟାଗ ଉପରେ ନାଟକଟି ପର୍ଯ୍ୟବେସିତ । ଏହି ନାଟକର ନାୟକ ଜଣେ ବିପ୍ଳବୀ କବି । ନାଟକଟିରେ ନାୟକ ବିଜୟ ଓ ଲତାନାମ୍ନୀ ଏକ ହରିଜନ ବାଳିକା ସେ ନାଟକର ନାୟିକା । ପ୍ରତିନାୟକ ଭାବେ ଚିତ୍ରିତ ସେଠ୍ ଗଙ୍ଗାଦାସର ଚରିତ୍ର । ପରବର୍ତ୍ତୀ ପର୍ଯ୍ୟାୟରେ ଲତା ଓ ବିଜୟ ଜନ୍ମଭୂମିର ମାୟା କାଟି ଅଜଣା ପଥର ଯାତ୍ରୀ ହୋଇଛନ୍ତି । 'ରକ୍ତମାଟି' କାଳୀବାବୁଙ୍କର ଶ୍ରେଷ୍ଠ ନାଟ୍ୟକୃତିମାନଙ୍କ ମଧ୍ୟରେ ଅନ୍ୟତମ । ଏହି ନାଟକଟି ପାରମ୍ପରିକ ରୀତିକୁ ପରିହାର କରି ଏକ ଅତ୍ୟାଧୁନିକ ଦୃଷ୍ଟିଭଙ୍ଗୀରେ ପରିବେଷିତ ହୋଇଛି ।



Scanned with OKEN Scanner

ପାପନାଶିନୀ ଦଶଭୂଜା ଦୁର୍ଗାଙ୍କ ଦ୍ୱାରା ମହିଷାସୁର ବଧ ଉପାଖ୍ୟାନକୁ କେନ୍ଦ୍ର କରି ନାଟ୍ୟକାର 'ଦଶଭୂଜା' ନାଟକ ରଚନା କରିଥିଲେ । ଏହା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଓ ଅପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦରେ ରଚିତ । ମାଁ ଦୁର୍ଗାଙ୍କର ମହିମା ଏଥିରେ ବର୍ଣ୍ଣିତ ହୋଇଛି ।

୧୯୪୭ ମସିହାରେ ରଚିତ 'ଯୁଗେ ଯୁଗେ ଉତ୍କଳ' ନାଟକ ନାଟ୍ୟାଚାର୍ଯ୍ୟ କବିଚନ୍ଦ୍ର କାଳୀଚରଣଙ୍କର ଏକ ଅନବଦ୍ୟ ସଫଳ କୃତି । ଏଥିରେ ପ୍ରାଚୀନ ଉତ୍କଳର ଗୌରବମୟ ଇତିହାସର ସୁନ୍ଦର ସାବଳୀଳ ଚିତ୍ର ରୂପାୟିତ ।

ଇତିହାସକୁ ଭିତ୍ତି କରି ନାଟକ 'ରକ୍ତ ମନ୍ଦାର' ଗଢ଼ି ଉଠିଛି । ତହିଁରେ ଖୋର୍ଦ୍ଧା ଓ ବାଙ୍କିର ଇତିହାସ, କିମ୍ବଦନ୍ତୀ ଓ ଜନଶ୍ରୁତିକୁ ନେଇ ନାଟକଟି ରଚିତ । ବାଙ୍କିରାଣୀ ଶୁକଦେଈଙ୍କର ବୀରତ୍ୱଗାଥା ଓ ମହନୀୟତାର ଅପୂର୍ବ କାହାଣୀ ଏଥିରେ ସଂଯୋଜିତ । ଏହାର ସଂଳାପ ରଚନା ଓ ଚରିତ୍ରଚିତ୍ରଣ ଅତ୍ୟନ୍ତ ଉଚ୍ଚକୋଟୀର ।

'ଜୟଦେବ' ନାଟକ ପରି 'ସାରଳା ଦାସ' ମଧ୍ୟ ଏକ ଚରିତ୍ରମୂଳକ ନାଟକ । ଓଡ଼ିଆ ମହାଭାରତର ପ୍ରଣେତା ମାଟିର ମହାକବି ସାରଳା ଦାସଙ୍କ ଜୀବନବୃତ୍ତକୁ ଭିତ୍ତିକରି ନାଟକଟି ରଚିତ । ଏହା ୧୯୫୪ ମସିହାରେ ରଚିତ ହୋଇ ଅଭିନୀତ ହୋଇଥିଲା । ନାଟ୍ୟକଳା ଦୃଷ୍ଟିରୁ କାଳୀଚରଣଙ୍କ 'ସାରଳା ଦାସ' ଏକ ଉଚ୍ଚକୋଟୀର ସୃଷ୍ଟି ।

ଓଡ଼ିଆ ଗଦ୍ୟ ସାହିତ୍ୟରେ ଫକୀର ମୋହନ ପରି ନାଟ୍ୟସାହିତ୍ୟ ଜଗତରେ କବିଚନ୍ଦ୍ର କାଳୀଚରଣ ଜଣେ ଯୁଗସ୍ରଷ୍ଟା । ତାଙ୍କର ଜୀବନବ୍ୟାପୀ ସାଧନା ବଳରେ ସେ ଓଡ଼ିଆ ନାଟ୍ୟ କଳାଜଗତକୁ ନୂତନ ଆଭିମୁଖ୍ୟ ପ୍ରଦାନ କରିଛନ୍ତି । ଭାରତୀୟ ପରମ୍ପରାର ଭିତ୍ତିଭୂମି ଉପରେ ନିଜର ଶ୍ରମ ଓ ସାଧନା ବଳରେ ସେ ଯେଉଁ ନାଟ୍ୟସୌଧ ନିର୍ମାଣ କରିଛନ୍ତି, ତା'ର ବିଲୟ ନାହିଁ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା

**ସହାୟକ ଗ୍ରନ୍ଥସୂଚୀ :**

୧. ମାନସିଂହ ମାୟାଧର, ଓଡ଼ିଆ ସାହିତ୍ୟର ଇତିହାସ, ଗ୍ରନ୍ଥମନ୍ଦିର, ବିନୋଦବିହାରି, କଟକ-୨, ଷଷ୍ଠ ସଂସ୍କରଣ-୧୯୯୭

୨. Mansing Mayadhar, A History of Oriya Literature, Sahitya Akademi, Ravindra Bhawan, New Delhi, third printing-2012.

୩. ଦାସ ଡଃ ହେମନ୍ତ କୁମାର ଦାସ, ନାଟ୍ୟାଲୋକରେ ମନୋରଂଜନ, ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚ଼ା, କଟକ-୯, ପ୍ରଥମ ସଂସ୍କରଣ-୨୦୧୬ ।

୪. ଦାସ ସର୍ବେଶ୍ୱର, ଓଡ଼ିଆ ନାଟ୍ୟ ସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୧୯୯୪ ।



Scanned with OKEN Scanner